Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R Mohanty
Nodal Officer

**ସପ୍ତାହ –୫୧**

ନ.- ୨୧୪୦ (ଓଡିଆ ବୁଲେଟିନ)
ତାରିଖ- ୧୯.୧୨.୨୦୨୩

**(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)**

## ବିଶେଷ ସୂଚନା

- ବର୍ତମାନ ଡାଲୁଅ ଧାନ ର ତଳି ଘେରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ । ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳି ଘେରା ଆବଶ୍ୟକ ହୋଇଥାଏ ।
- ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ ।
- କମ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ ।
- ବର୍ତମାନ ତାପମାତ୍ରା କମ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପୋଲିଥିନ ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- ରବି ପନିପରିବା ରେ ଘାସ ବାଛି କୋଡା ଖୋସା କରନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।

### ଧାନ:

କିସମ ଚୟନ-

ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମନସ୍ୱିନୀ, ଡି.ଆର.ଆର -୪୪, ବୀଣା-୧୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧ ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ। ଉପକୂଳବର୍ତୀ ଲୁଣା ଜମି ପାଇଁ ଲୁଣା ଶଙ୍ଖୀ କିସମ ବ୍ୟବହାର କରନ୍ତୁ।

ବିହନ ବିଶୋଧନ-

ବିହନ ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ ଧାନ ବିହନ ରେ ୨ ଗ୍ରାମ Carbendazim କିମ୍ବା ୩ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ, ମିଶାଇ ବିଶୋଧନ କରନ୍ତୁ ।

### ମୁଗ ଓ ବିରି :

ପାଉଁଶିଆ ରୋଗ

ମୁଗ ଓ  ବିରି ଫସଲ ରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur 80% WP** @ ୮୦୦ ଗ୍ରାମ କିମ୍ବା **Hexaconazole ୫% E.C** @ ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

### ଚିନାବାଦାମ:

ପତ୍ର ସୁଡଙ୍ଗୀ ପୋକ

ଚିନାବାଦାମ ଫସଲ ରେ ପତ୍ର ସୁଡଙ୍ଗୀ ପୋକ ଲାଗିବାର ସମ୍ଭାବନା ଅଛି ।ଏହି ରୋଗ ର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି Profenophos ୫୦% EC @ ୪୦୦ ମିଲି କିମ୍ବା Chlorpyriphos ୫୦% + Cypermethrin ୫ % E.C @ ୪୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

ଆଖୁ ଅମଳ ପାଇଁ ହାତ ବ୍ରିକ୍ସ ମିଟର ସାହାର୍ଯ୍ୟ ରେ ପରୀକ୍ଷା କରି ବ୍ରିକ୍ସ ମୂଲ୍ୟାଙ୍କ ୧୮ କିମ୍ବା ଅଧିକ ହେଲେ ଅମଳ କରିବା ଉଚିତ। ଆଖୁ ଫସଲକୁ ଜମି ପଭନ ଠାରୁ ଏକ ଇଞ୍ଚ ତଳକୁ, ଯେପରିକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ, ସେହିପରି କାଟିଲେ ମୂଳି ଆଖୁ ରେ ଗଜା ହୁଏ, ଗଛ ସଂଖ୍ୟା ଠିକ ରହେ ଓ ଅମଳ ଠିକ ମିଳେ । ଆଖୁ ଅମଳ ପରେ ପେଡିବା ଡେରି କଲେ ଆଖୁର ଓଜନ କମିବା ସହିତ ଶକବରା ଅଂଶ କମିଯାଇଥାଏ।

**ଟମାଟୋ:**

ଫଳ ବିନ୍ଧା ପୋକ

ଟମାଟୋ ଫସଲରେ ଫଳ ବିନ୍ଧା ପୋକ ର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମି ରୁ ଆକ୍ରାନ୍ତ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରି ଦିଅନ୍ତୁ। ଏହି କୀଟ ର ପରିଚାଳନ ପାଇଁ ଏକର ପ୍ରତି Helilure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୨୦ ଟି ରଖନ୍ତୁ। ଟମାଟୋ ଫସଲରେ ଯଦି, ଶତକଡା ୧୦ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ। ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୮୦ ମିଲି chlorantraniliprole କିମ୍ବା ୪୦ ମିଲି Flubendiamide କିମ୍ବା ୨୦୦ ମିଲି indoxacarb ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**ଆଳୁ:**

ପତ୍ର ପୋଡା ରୋଗ

ଆଳୁ ଫସଲ ରେ ସଅଳ ପତ୍ର ପୋଡା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ଆଳୁ ଫସଲ ରେ ଉଚ୍ଛୁର ପତ୍ର ପୋଡା ରୋଗ ରେ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ।

**ପିଆଜ:**

ଘେରାକଟା ରୋଗ

ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ।

**ବାଇଗଣ :**

ପତ୍ର ଖିଆ ଓ ଫଳ ବିନ୍ଧା ପୋକ

ବାଇଗଣ ରେ ପତ୍ର ଖିଆ ଓ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି Emamectin benzoate @ ୮୦ ଗ୍ରାମ କିମ୍ବା Spinosad @ ୮୦ ମିଲି , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

ଫଳ ଓ କାଣ୍ଡ ବିନ୍ଧା ପୋକ

ବାଇଗଣ ରେ ଫଳ ଓ କାଣ୍ଡ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ପ୍ରାଥମିକ ସ୍ତର ରେ ଏକର ପ୍ରତି ନିମ୍ବ ଆଧାରିତ ତେଲ ୧୫୦୦ ପିପିଏମ @ ୬୦୦ ମିଲି ସିଂଚନ କରନ୍ତୁ । ପରେ Spinosad ୪୫% SC @ ୭୦ ମିଲି କିମ୍ବା Thiodicarb @ ୩୦୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ଅଦଳବଦଳ କରି ସିଂଚନ କରନ୍ତୁ ।

**କୋବି:**

କୋବି ଫସଲ ରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟା ର ପରିଚାଳନା ପାଇଁ ପ୍ରତି ୪ କିଲୋଗ୍ରାମ Borax କୁ ଶେଷ ଓଡ ଚାଷ ସମୟ ରେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟ ରେ ଜମି ରେ ପ୍ରୟୋଗ କରିନଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣି ରେ ୨.୫ଗ୍ରାମ ବୋରାକ୍ସ କିମ୍ବା ୧-୧.୫ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ରସିଂଚନ କରନ୍ତୁ।

**ମତ୍ସ୍ୟ ସମ୍ପଦ:**

ଶୀତ ଋତୁ ରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି **CIFAX** @ ୪୦୦ ମିଲି ୪୦ ଲିଟର ପାଣି ରେ ମିଶାଇ ବିଶୋଧନ କରନ୍ତୁ । ପ୍ରତି ଦିନ ମାଛ

ମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ ।

**ପଶୁ ସମ୍ପଦ:**

ଗୁହାଳ ଘର ଏବଂ ଏହାର ଚଟାଣ କୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରଖନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରହିଲେ ଗାଈଗୋରୁ ମାନଙ୍କୁ ବିଶେଷ କରି ବାଛୁରି ଙ୍କୁ ନିମୋନିଆ, ଜ୍ୱର ଓ ହଇଜା ଇତ୍ୟାଦି ରୋଗ ହେବା ର ସମ୍ଭାବନା ଅଛି । ଶୀତ ଋତୁ ରେ ଗୁହାଳ ଘରେ ଉତ୍ତମ ରୂପେ ବାୟୁ ଚଳପ୍ରଚଳ କରୁଥିବା ଦରକାର ।

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)